# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 05 February – 2025

## News Editor – Itishree Singh Rathaur

*************************************

## ମୁଖ୍ୟ ସମ୍ବାଦ

- ଖୋର୍ଦ୍ଧା ଜିଲ୍ଲାରୁ 'ବିକଶିତ ଗାଁ ବିକଶିତ ଓଡ଼ିଶା' କାର୍ଯ୍ୟକ୍ରମର ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ

— କହିଲେ, ଗାଁଗୁଡ଼ିକର ସାମଗ୍ରୀକ ବିକାଶ ପାଇଁ ଖର୍ଚ୍ଚ ହେବ ୫ ହଜାର କୋଟି ଟଙ୍କା

- ମହିଳା ସ୍ୱାସ୍ଥ୍ୟକର୍ମୀଙ୍କ ନିଯୁକ୍ତି ଉପରେ ଜାରି ଅନ୍ତରୀଣ ରହିତାଦେଶକୁ ପ୍ରତ୍ୟାହାର କଲେ ହାଇକୋର୍ଟ

- ପୁରୀ ଜିଲ୍ଲାରେ ବିଭିନ୍ନ ପ୍ରକଳ୍ପର ସମୀକ୍ଷା କଲେ ଷୋଡଶ ଅର୍ଥ କମିଶନ; ଆସନ୍ତାକାଲି ମୁଖ୍ୟମନ୍ତ୍ରୀଙ୍କ ସହ ବୈଠକ

ଏବଂ

- ଭାରତ-ଇଂଲଣ୍ଡ ଏକଦିବସୀୟ କ୍ରିକେଟ୍ ମ୍ୟାଚ୍ ପାଇଁ ଅଫ୍‌ଲାଇନ୍‌ରେ ଟିକେଟ୍ ବିକ୍ରି; ଆସନ୍ତା ଶୁକ୍ରବାର ଭୁବନେଶ୍ୱରରେ ପହଞ୍ଚିବେ ଦୁଇ ଦଳ

# ବିକଶିତ ଗାଁ, ବିକଶିତ ଓଡ଼ିଶା

ଗାଁର ଉନ୍ନତି ବିନା ଓଡ଼ିଶାର ଉନ୍ନତି ଅସମ୍ଭବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। **ଖୋର୍ଦ୍ଧା** ଜିଲ୍ଲା ଜଙ୍କିଆଠାରେ ଆଜି 'ବିକଶିତ ଗାଁ- ବିକଶିତ ଓଡ଼ିଶା' କାର୍ଯ୍ୟକ୍ରମର ଶୁଭାରମ୍ଭ କରି ମୁଖ୍ୟମନ୍ତ୍ରୀ କହିଛନ୍ତି, ଏହି ଯୋଜନାରେ ଗାଁ ଗୁଡ଼ିକର ଭିତ୍ତିଭୂମିର ବିକାଶ ପାଇଁ ବର୍ଷକୁ ୧ ହଜାର କୋଟି ଟଙ୍କା ଲେଖାଏଁ ଖର୍ଚ୍ଚ କରାଯିବ। ୨୦୨୪-୨୫ରୁ ୨୦୨୮-୨୯ ଆର୍ଥିକବର୍ଷ ପର୍ଯ୍ୟନ୍ତ ୫ ହଜାର କୋଟି ଟଙ୍କା ବିନିଯୋଗ ହେବ। ଏହି ଯୋଜନା ମାଧ୍ୟମରେ ରାଜ୍ୟର ପ୍ରାୟ ୬୦ ହଜାର ଗ୍ରାମର ଉନ୍ନତୀକରଣ ହେବ। ଯୋଜନାରେ ପ୍ରକଳ୍ପଗୁଡ଼ିକର ସ୍ୱଚ୍ଛତା ଉପରେ ଗୁରୁତ୍ୱ ଦିଆଯାଇଛି। ଜିଲ୍ଲାପାଳମାନେ ଜିଲ୍ଲାସ୍ତରରେ ହେଉଥିବା କାର୍ଯ୍ୟର ତଦାରଖ କରିବା ସହ ନିୟମିତ ଭାବେ ପ୍ରକଳ୍ପଗୁଡ଼ିକର ସମୀକ୍ଷା କରିବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

## - V/O -

ଉଦ୍‌ଘାଟନୀ ସମାରୋହରେ ଜିଲ୍ଲା ଏବଂ ବ୍ଲକସ୍ତରୀୟ ପ୍ରତିନିଧିମାନେ ଆଭାସୀ ମାଧ୍ୟମରେ ସାମିଲ ହୋଇଥିଲେ।

**ସମ୍ବଲପୁର** ଜିଲ୍ଲା ଧନକୌଡା ବ୍ଲକ୍ ପରିସରରେ ଆୟୋଜିତ  କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ଯୋଗଦେଇ  ଯୋଜନା ଦ୍ୱାରା ଗ୍ରାମର ବିକାଶ ହୋଇପାରିବ ବୋଲି କହିଛନ୍ତି। **ନୂଆପଡା** ଜିଲ୍ଲା ସଦର ମହକୁମା ସମେତ

୪ଟି ବ୍ଲକ୍‌ରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲ୍ଲାପାଳ ମଧୁସୂଦନ ଦାସ ଯୋଗଦେଇ ଗ୍ରାମୀଣ ଯୋଗାଯୋଗ, ପର୍ଯ୍ୟଟନ, ଶିକ୍ଷା ଓ କ୍ରୀଡାର ବିକାଶ ପାଇଁ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି। ସେହିପରି ଏହି ଯୋଜନା ଦ୍ୱାରା **କନ୍ଧମାଳ** ଜିଲ୍ଲାର ଦୁର୍ଗମ ଅଂଚଳକୁ ରାସ୍ତା, ପାନୀୟ ଜଳ ଓ ଶିକ୍ଷା କ୍ଷେତ୍ରରେ ଉନ୍ନତି ହେବ ବୋଲି ଜିଲ୍ଲାପାଳ ଅମୃତ ଋତୁରାଜ ମତବ୍ୟକ୍ତ କରିଛନ୍ତି। **କେନ୍ଦ୍ରାପଡା** ଜିଲ୍ଲାର ପ୍ରତି ଗାଁ ଏହି ଯୋଜନା ମାଧ୍ୟମରେ ସ୍ମାର୍ଟ ଗାଁରେ ପରିଣତ ହେବା ସହ ଗ୍ରାମୀଣ ଅର୍ଥନୀତି, ସାମାଜିକ ଓ ସାଂସ୍କୃତିକ କ୍ଷେତ୍ରରେ ବିକାଶ ଆଣିବା ରାଜ୍ୟ ସରକାରଙ୍କ ମୂଳ ଉଦ୍ଦେଶ୍ୟ ବୋଲି ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଧାୟକ, ଜିଲ୍ଲାପାଳ ପ୍ରମୁଖ ଯୋଗଦେଇ ମତ ବ୍ୟକ୍ତ କରିଛନ୍ତି। **ଗଞ୍ଜାମ** ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡାଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ବିଧାୟକ କୃଷ୍ଣଚନ୍ଦ୍ର ନାୟକ ଯୋଗଦେଇ ଗାଁ ମାଟିରୁ ହିଁ ପ୍ରକୃତ ବିକାଶ ଆରମ୍ଭ ହୋଇଥାଏ ବୋଲି କହିବା ସହ ଏହି ଯୋଜନାରେ ମୌଳିକ ଭିତ୍ତିଭୂମିର ବିକାଶକୁ ଗୁରୁତ୍ୱ ଦିଆଯାଇଛି ବୋଲି କହିଛନ୍ତି। **ବୌଦ୍ଧ, ଗଜପତି, ରାୟଗଡ଼ା, କଟକ** ଜିଲ୍ଲାରେ ମଧ୍ୟ ଅନୁରୂପ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି।

# ନିଯୁକ୍ତି ପ୍ରକ୍ରିୟା

ଓଡ଼ିଶା ହାଇକୋର୍ଟ ବହୁମୁଖୀ ମହିଳା ସ୍ୱାସ୍ଥ୍ୟକର୍ମୀଙ୍କ ନିଯୁକ୍ତି ଉପରେ ପୂର୍ବରୁ ଜାରି କରିଥିବା ଅନ୍ତରୀଣ ରହିତାଦେଶକୁ ପ୍ରତ୍ୟାହାର କରିଛନ୍ତି। ଏହା ଫଳରେ ମହିଳା ସ୍ୱାସ୍ଥ୍ୟକର୍ମୀ ନିଯୁକ୍ତି ପ୍ରକ୍ରିୟା ତ୍ୱରାନ୍ୱିତ ହୋଇଛି। ଆସନ୍ତା ଶୁକ୍ରବାର ୭ ତାରିଖ ଦିନ ଭୁବନେଶ୍ୱରଠାରେ ଅନୁଷ୍ଠିତ ହେବାକୁ ଥିବା ନିଯୁକ୍ତି ମେଳାରେ ମୁଖ୍ୟମନ୍ତ୍ରୀ ସ୍ୱାସ୍ଥ୍ୟକର୍ମୀମାନଙ୍କୁ ନିଯୁକ୍ତିପତ୍ର ବଣ୍ଟନ କରିବେ ବୋଲି

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ କୁହାଯାଇଛି। ସୂଚନା ଅନୁସାରେ, ଗତ ୩ ତାରିଖରେ ହାଇକୋର୍ଟ ୨ ହଜାର ୭୩୫ ଜଣ ମହିଳା ସ୍ୱାସ୍ଥ୍ୟକର୍ମୀଙ୍କ ନିଯୁକ୍ତି ଉପରେ ଅନ୍ତରୀଣ ରହିତାଦେଶ ଜାରି କରିଥିଲେ।

# ଦିଲ୍ଲୀ ନିର୍ବାଚନ

୭୦ ଆସନ ବିଶିଷ୍ଟ ଦିଲ୍ଲୀ ବିଧାନସଭା ପାଇଁ ଆଜି ମତଦାନ ଶେଷ ହୋଇଛି। ସନ୍ଧ୍ୟା ୫ଟା ସୁଦ୍ଧା ପାଖାପାଖି ୫୭ ଦଶମିକ ୭/୦ ପ୍ରତିଶତ ମତଦାତା ସେମାନଙ୍କର ମତାଧିକାର ସାବ୍ୟସ୍ତ କରିଛନ୍ତି। ନିର୍ବାଚନ କମିଶନଙ୍କ ତଥ୍ୟ ଅନୁଯାୟୀ ଚଳିତ ଥର ଏହି ନିର୍ବାଚନରେ ୬୯୯ ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦିତା କରୁଛନ୍ତି । ୧୩ ହଜାର ୩୩ ପୋଲିଂ ବୁଥ୍‌ରେ ପ୍ରାୟ ୧ କୋଟି ୫୬ ଲକ୍ଷ ଭୋଟର ନିଜର ମତ ସାବ୍ୟସ୍ତ କରିଛନ୍ତି। ସେଥିମଧ୍ୟରୁ ୮୩ ଲକ୍ଷ ୪୯ ହଜାର ପୁରୁଷ ଭୋଟର ଓ ୭୧ ଲକ୍ଷ ୭୪ ହଜାର ମହିଳା ଭୋଟର ରହିଛନ୍ତି। ଆସନ୍ତା ୮ ତାରିଖରେ ଭୋଟ ଗଣତି ହେବା ସହ ନିର୍ବାଚନ ଫଳାଫଳ ପ୍ରକାଶ ପାଇବ ।

## ବିପିୟୁଟି-ରାଜ୍ୟପାଳ

ରାଉରକେଲାସ୍ଥିତ ବିଜୁ ପଟ୍ଟନାୟକ ବୈଷୟିକ ବିଶ୍ୱବିଦ୍ୟାଳୟର ୧୧ତମ ସମାବର୍ତ୍ତନ ଉତ୍ସବରେ ରାଜ୍ୟପାଳ ତଥା ବିଶ୍ୱବିଦ୍ୟାଳୟର କୁଳାଧିପତି ଡକ୍ଟର ହରି ବାବୁ କମ୍ଭମ୍‌ପାଟି ଯୋଗ ଦେଇଥିଲେ। ଏହି ଅବସରରେ ୟୁଜି, ପିଜି ଏବଂ ପିଏଚ୍‌ଡି ପାଠ ସମାପ୍ତ କରିଥିବା ଛାତ୍ରଛାତ୍ରୀଙ୍କୁ ପ୍ରମାଣପତ୍ର ବଣ୍ଟନ କରାଯାଇଛି। ୨୦୨୩-୨୪ ଶିକ୍ଷାବର୍ଷରେ ୟୁଜି ଏବଂ ପିଜି ପାଠ୍ୟକ୍ରମ ସମାପ୍ତ କରିଥିବା ୨୯ ହଜାର ୨୮୩ ଜଣଙ୍କୁ ପ୍ରମାଣପତ୍ର ପ୍ରଦାନ ସହ ବିଶ୍ୱବିଦ୍ୟାଳୟର ୧୯ ଜଣ ଛାତ୍ରଛାତ୍ରୀଙ୍କୁ ସ୍ୱର୍ଣ୍ଣପଦକ ଦିଆଯାଇଛି।

## ଷୋଡ଼ଶ ଅର୍ଥ କମିଶନ

ଅରବିନ୍ଦ ପନ୍‌ଗଡ଼ିଆଙ୍କ ନେତୃତ୍ୱରେ ୪ ଦିନିଆ ଓଡ଼ିଶା ଗସ୍ତରେ ଆସିଥିବା ଷୋଡ଼ଶ ଅର୍ଥ କମିଶନ ସଦସ୍ୟ ବୃନ୍ଦ ଆଜି **ପୁରୀ** ଜିଲ୍ଲା ଗସ୍ତରେ ଯାଇ ବିଭିନ୍ନ ପ୍ରକଳ୍ପଗୁଡ଼ିକରେ ବିନିଯୋଗ ହୋଇଥିବା ଅର୍ଥରାଶି ଏବଂ ଆବଶ୍ୟକୀୟ ଖର୍ଚ୍ଚ ସମ୍ପର୍କରେ ଜିଲ୍ଲାର ଅଧିକାରୀଙ୍କ ସହ ଆଲୋଚନା ଓ ସମୀକ୍ଷା କରିଛନ୍ତି। କମିଶନ ସଦସ୍ୟମାନେ କୋଣାର୍କ ଓ ଧଉଳି ଗ୍ରାମପଞ୍ଚାୟତ ମଧ୍ୟ ପରିଦର୍ଶନ କରିଥିଲେ। ଏହାପୂର୍ବରୁ ସକାଳେ ପୁରୀ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କୁ ଦର୍ଶନ କରିଥିବା ଆମ ସମ୍ବାଦଦାତା ଜଣାଇଛନ୍ତି। କମିଶନ’ର ଅଧ୍ୟକ୍ଷ ଓ ସଦସ୍ୟବୃନ୍ଦ ଆସନ୍ତାକାଲି ଭୁବନେଶ୍ୱରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଅନ୍ୟ ବରିଷ୍ଠ ଅଧିକାରୀଙ୍କ ସହ ବୈଠକ କରିବାର କାର୍ଯ୍ୟକ୍ରମ ରହିଛି।

## ଓଏସ୍‌ଆରଟିସି ବସ୍ ସେବା

ଉତ୍ତରପ୍ରଦେଶର ପ୍ରୟାଗରାଜରେ ଚାଲିଥିବା ମହାକୁମ୍ଭ ମେଳା ପାଇଁ ଓଏସ୍‌ଆରଟିସି ପକ୍ଷରୁ ପୁଣି ଥରେ ବସ୍ ସେବା ଆରମ୍ଭ ହୋଇଛି। ଆଜି ରାଜ୍ୟରୁ ୨୦୦ ଶ୍ରଦ୍ଧାଳୁଙ୍କୁ ନେଇ ୪ଟି ବସ୍ ଅଯୋଧ୍ୟାକୁ ଯାତ୍ରା କରିଥିବା ପରିବହନ ବିଭାଗ ପକ୍ଷରୁ ସୂଚନା ମିଳିଛି।

## ବନକଲାଗି ନୀତି

**ପୁରୀ** ଶ୍ରୀମନ୍ଦିରରେ ମାଘ ଶୁକ୍ଳ ଅଷ୍ଟମୀ ତିଥିରେ ଆଜି ଶ୍ରୀଜୀଉଙ୍କ ବନକଲାଗି ନୀତି ଅନୁଷ୍ଠିତ ହେଉଛି। ଦ୍ୱିତୀୟ ଭୋଗମଣ୍ଡପ ନୀତି ପରେ ଦତ୍ତ ମହାପାତ୍ର ଓ ଅନ୍ୟାନ୍ୟ ସେବକମାନେ ଶ୍ରୀଜୀଉମାନଙ୍କ ଶ୍ରୀମୁଖ ଶୃଙ୍ଗାର ଗୁପ୍ତନୀତି ସମ୍ପାଦନ କରୁଛନ୍ତି। ଏଥିଲାଗି ସନ୍ଧ୍ୟା ୫ଟାରୁ ରାତି ୧୦ଟା ପର୍ଯ୍ୟନ୍ତ

ସର୍ବସାଧାରଣ ଦର୍ଶନ ବନ୍ଦ ରହିଥିବା ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି ।

## ଖଡିଆଲ ମହୋତ୍ସବ

**ନୂଆପଡା** ଜିଲ୍ଲା ଖଡିଆଲସ୍ଥିତ ସାଂସ୍କୃତିକ ଅନୁଷ୍ଠାନ ପରିସରରେ ହସ୍ତକଳାର ବିକାଶ ଉପରେ ଆଲୋଚନା ଚକ୍ର ଆଲୋଚନା ହୋଇଯାଇଛି । ବିଧାୟକ ଅଧୀରାଜ ପାଣିଗ୍ରାହୀ ମୁଖ୍ୟଅତିଥି ଭାବେ ଯୋଗଦେଇ ହସ୍ତକଳାର ପ୍ରଚାର ଓ ପ୍ରସାର ମାଧ୍ୟମରେ ସ୍ଥାନୀୟ ଅଞ୍ଚଳର ବିକାଶ ହୋଇପାରିବ ବୋଲି କହିଛନ୍ତି ।

# ସହାୟତ ରାଶି ବଣ୍ଟନ

**ଦେବଗଡ଼** ମହାବିଦ୍ୟାଳୟରେ ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନା ସହାୟତା ବଣ୍ଟନ ଶିବିର ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ କବୀନ୍ଦ୍ର କୁମାର ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଶ୍ରମିକମାନଙ୍କୁ ବିଭିନ୍ନ ସରକାରୀ ଯୋଜନାର ସୁଫଳ ପାଇବା ପାଇଁ ପଞ୍ଜୀକରଣ କରିବାକୁ ଆହ୍ୱାନ ଦେଇଛନ୍ତି । ଏହି କାର୍ଯ୍ୟକ୍ରମରେ ଶିକ୍ଷା, ବିବାହ, ମୃତ୍ୟୁକାଳୀନ  ଆଦି ସହାୟତା ରାଶି ବଣ୍ଟନ କରାଯାଇଛି ।

# ପୁସ୍ତକ ବଣ୍ଟନ

ରାଜ୍ୟରେ ଥିବା ସରକାରୀ ବିଦ୍ୟାଳୟଗୁଡ଼ିକୁ ଆସନ୍ତା ମାର୍ଚ୍ଚମାସ ୧୫ ତାରିଖ ସୁଦ୍ଧା ନୂତନ ପାଠ୍ୟପୁସ୍ତକ ଯୋଗାଇ ଦିଆଯିବା ନେଇ ସ୍କୁଲ୍ ଶିକ୍ଷା ଯୋଜନା ପ୍ରାଧିକରଣ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି । ବିଦ୍ୟାଳୟ ଗୁଡ଼ିକୁ ଠିକ୍ ଭାବେ ପୁସ୍ତକ ବଣ୍ଟନ ପାଇଁ ପଦକ୍ଷେପ ନେବା ସହ ପୁସ୍ତକ ମିଳିବା ପରେ ଛାତ୍ରଛାତ୍ରୀଙ୍କ ମଧ୍ୟ୍ୟରେ ତୁରନ୍ତ ପୁସ୍ତକ ବାଣ୍ଟିବା ପାଇଁ ବିଜ୍ଞପ୍ତିରେ କୁହାଯାଇଛି ।

# କ୍ରିକେଟ୍-ଟିକେଟ୍

କଟକ ବାରବାଟୀ ଷ୍ଟାଡିୟମରେ ଆସନ୍ତା ୯ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ଭାରତ-ଇଂଲଣ୍ଡ ଏକଦିବସୀୟ କ୍ରିକେଟ୍ ମ୍ୟାଚ୍ ପାଇଁ ଆଜିଠାରୁ ଅଫ୍‌ଲାଇନ୍‌ରେ ଟିକେଟ୍ ବିକ୍ରି ଆରମ୍ଭ ହୋଇଛି । ଏଥିପାଇଁ ଷ୍ଟାଡିୟମ ନିକଟରେ ୪ଟି ଟିକେଟ୍ କାଉଣ୍ଟର କରାଯାଇଛି । ଲୋକଙ୍କ ଭିଡ଼କୁ ଦୃଷ୍ଟିରେ ରଖି ପୁଲିସ୍ ପ୍ରଶାସନ ପକ୍ଷରୁ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି ।

ମ୍ୟାଚ୍ ପାଇଁ କମିଶନରେଟ୍ ପୁଲିସ୍ ପକ୍ଷରୁ ୫୦ ପ୍ଲାଟୁନ୍ ପୋଲିସ୍ ଫୋର୍ସ୍ ସହ ବରିଷ୍ଠ ଅଧିକାରୀ ସୁରକ୍ଷା ଦାୟିତ୍ୱରେ ରହିବେ ବୋଲି ପୁଲିସ୍ କମିଶନର ଏସ୍.ଦେବଦତ୍ତ ସିଂ କହିଛନ୍ତି। ଆସନ୍ତା ଶୁକ୍ରବାର ଦିନ ଦୁଇ ଦଳ ଭୁବନେଶ୍ୱରରେ ପହଞ୍ଚିବେ। ଶନିବାର ଦିନ ଅଭ୍ୟାସ ପାଇଁ ବାରବାଟୀ ଷ୍ଟାଡିୟମ୍ ଆସିବେ ବୋଲି ସୂଚନା ମିଳିଛି।

## ନେସ୍‌ନାଲ ଗେମ୍‌ସ୍

ଉତ୍ତରାଖଣ୍ଡରେ ଚାଲିଥିବା ୩୮ତମ ଜାତୀୟ ପ୍ରତିଯୋଗିତାରେ ଆଜି ରୋଇଂରେ ଓଡ଼ିଶା ଦଳ ରୌପ୍ୟ ପଦକ ହାସଲ କରିଛି।  ଏହାସହ ଓଡ଼ିଶାର ପଦକ ସଂଖ୍ୟା ୨୦ କୁ ବୃଦ୍ଧି ପାଇଛି। ସେଥିମଧ୍ୟରେ ୫ଟି ସ୍ୱର୍ଣ୍ଣ, ୬ଟି ରୌପ୍ୟ ଏବଂ ୯ଟି ବ୍ରୋଞ୍ଜ ପଦକ ରହିଛି।

## ବ୍ୟାଡମିଣ୍ଟନ୍ ଚାମ୍ପିଅନ୍‌ସିପ୍

କଟକ ଓଏସ୍‌ଏପି ଷଷ୍ଠ ବାଟାଲିୟନ୍ ପକ୍ଷରୁ ତୃତୀୟ ବ୍ୟାଡମିଣ୍ଟନ୍ ଚାମ୍ପିଅନ୍‌ସିପ୍ ଉଦ୍‌ଘାଟିତ ହୋଇଯାଇଛି। କାର୍ଯ୍ୟକ୍ରମରେ କେନ୍ଦ୍ରାଞ୍ଚଳ ଡିଆଇଜି

ଚରଣ ସିଂ ମୀନା ମୁଖ୍ୟଅତିଥି ଭାବେ ଯୋଗ ଦେଇ କହିଛନ୍ତି, ଏଭଳି ପ୍ରତିଯୋଗିତା ମାଧ୍ୟମରେ ପୁଲିସ୍ ଅଧିକାରୀ ଓ କର୍ମଚାରୀଙ୍କ ମଧ୍ୟରେ ବନ୍ଧୁତାପୂର୍ଣ୍ଣ ଭାବନା ସୃଷ୍ଟି ହୋଇଥାଏ। କଟକ ଇଣ୍ଡୋର ଷ୍ଟାଡିୟମ୍‌ରେ ଅନୁଷ୍ଠିତ ମ୍ୟାଚ୍‌ରେ ରାଜ୍ୟର ବିଭିନ୍ନ ରେଞ୍ଜ୍ ଓ ବାଟାଲିୟନ୍‌ରୁ ୧୭ଟି ପୋଲିସ୍ ଟିମ୍ ଅଂଶଗ୍ରହଣ କରିଛନ୍ତି। ଏହି ମ୍ୟାଚ୍ ଆସନ୍ତା ୭ ତାରିଖ ପର୍ଯ୍ୟନ୍ତ ଚାଲିବ।

## କୃମିନାଶକ ଦିବସ

ରାଜ୍ୟରେ ଆସନ୍ତା ୧୦ ତାରିଖରେ ଜାତୀୟ କୃମିନାଶକ ଦିବସ ପାଳନ କରାଯିବ। ପରିବାର କଲ୍ୟାଣ ନିର୍ଦ୍ଦେଶାଳୟ ପକ୍ଷରୁ ୧୦ ତାରିଖ ଏବଂ ୧୭ ତାରିଖରେ କୃମିନାଶକ ଔଷଧ ବଣ୍ଟନ କରାଯିବ। ଏଥିରେ ୧ ବର୍ଷରୁ ୧୯ ବର୍ଷ ପର୍ଯ୍ୟନ୍ତ ସମସ୍ତ ପିଲାଙ୍କୁ ପ୍ରତି ୬ ମାସରେ କୃମି ନାଶକ ଔଷଧ ଦିଆଯାଉଛି। ଏହାସହ ୨୦ ରୁ ୨୪ ବର୍ଷ ପର୍ଯ୍ୟନ୍ତ ସମସ୍ତ ପ୍ରଜନନକ୍ଷମ ମହିଳାଙ୍କୁ ଏହି ଔଷଧ ଦିଆଯାଉଛି।

# ପାଣିପାଗ

ରାଜ୍ୟର ବିଭିନ୍ନ ଅଂଚଳରେ ଦିନର ସର୍ବୋଚ୍ଚ ତାପମାତ୍ରା ବୃଦ୍ଧି ପାଇବାରେ ଲାଗିଛି। ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ, ଆଜି ୩୬ଟି ସହରର ତାପମାତ୍ରା ୩୦ ଡିଗ୍ରୀ ସେଲସିୟସ୍ ଉପରେ ରେକର୍ଡ କରାଯାଇଛି। ମାଲକାନଗିରି ଓ ବଲାଙ୍ଗିରରେ ଦିନର ସର୍ବୋଚ୍ଚ ତାପମାତ୍ରା ୩୬ ଡିଗ୍ରୀ ସେଲସିୟସ୍ ରେକର୍ଡ ହୋଇଛି।

ଅପରପକ୍ଷରେ, ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଘନକୁହୁଡ଼ି ହେବା ନେଇ ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, ଖୋର୍ଦ୍ଧା, କଟକ,

ଢ଼େଙ୍କାନାଳ, ଯାଜପୁର, ଗଞ୍ଜାମ, କେନ୍ଦୁଝର, ନୟାଗଡ଼ ଓ ଅନୁଗୁଳ ଜିଲ୍ଲା ପାଇଁ ସତର୍କ ସୂଚନା ଜାରି କରାଯାଇଛି ।